# NATIONAL NEWS BULLETIN (ODIA)
## 16 June - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଜି-୭ ସମ୍ମିଳନୀରେ ଯୋଗଦେବା ପାଇଁ ଫ୍ରାନ୍ସ ଏଭିଆନ୍‌ଠାରେ ପହଁଞ୍ଚିଲେ ପ୍ରଧାନମନ୍ତ୍ରୀ

– ଆସନ୍ତାକାଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ହେବ ବୈଠକ

- ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଜିଲ୍ଲାଗୁଡ଼ିକରେ ଆଗୁଆ ପଦକ୍ଷେପ ନେବା ଲାଗି କୃଷି ମନ୍ତ୍ରୀଙ୍କ ଗୁରୁତ୍ୱ
- ‘ନିଶାମୁକ୍ତ ଭାରତ ସପ୍ତାହ’କୁ ଆସନ୍ତାକାଲି ଉଦ୍‌ଘାଟନ କରିବେ କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରୀ
- ଫ୍ରାନ୍ସରେ ୟୁପିଆଇ’ର ଶୁଭାରମ୍ଭ କଲେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ

ଏବଂ

- ଫିଫା ବିଶ୍ୱକପ୍ ଗ୍ରୁପ୍-ଆଇ ମ୍ୟାଚ୍‌ରେ ଆଜି ଫ୍ରାନ୍ସ ଏବଂ ସେନେଗଲ ମଧ୍ୟରେ ହେବ ଖେଳ

# ପିଏମ୍ ଜି-୭ ଭିଜିଟ୍

ଫ୍ରାନ୍ସର ଏଭିଆନ୍ ସହରରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଜି-୭ ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଗସ୍ତରେ ଆଜି  ସେଠାରେ ପହଞ୍ଚିଛନ୍ତି। ଏଭିଆନ୍‌ରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ବିଶ୍ୱର ପ୍ରମୁଖ ନେତାମାନଙ୍କ ସହ ଆଲୋଚନା କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ମତାମତ ବିନିମୟ କରିବା ପାଇ ସେ ଆଶା ରଖିଛନ୍ତି। ସ୍ଥାୟୀ ଏବଂ ସମୃଦ୍ଧ ବିଶ୍ୱ ଗଠନ ପାଇଁ ଭାରତ' ମିଳିତ ପ୍ରୟାସକୁ ଆଗେଇ ନେବାକୁ ସଦାସର୍ବଦା ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଏଭିଆନ୍ ଗସ୍ତ ସମୟରେ ସ୍ୱିଜରଲ୍ୟାଣ୍ଡର ଜେନେଭାଠାରେ ଅବତରଣ କରିଥିଲେ। ବିମାନବନ୍ଦରରେ ସୁଇଜରଲାଣ୍ଡ ରାଷ୍ଟ୍ରପତି ଗାଇ ପାର୍ମେଲିନ୍ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉଭୟ ଭାରତ-ସ୍ୱିଜରଲ୍ୟାଣ୍ଡ ସହଭାଗିତାକୁ ଆହୁରି ମଜଭୁତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ଦୋହରାଇଥିଲେ।

ଜି-୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସପ୍ତମଥର ପାଇଁ ଏଥିରେ ଯୋଗ ଦେଉଛନ୍ତି ଏବଂ ଭାରତ ତ୍ରୟୋଦଶଥର ଅଂଶଗ୍ରହଣ

କରିବାକୁ ଯାଉଛି। ସମ୍ମିଳନୀରେ ଭାରତର ନିରନ୍ତର ଉପସ୍ଥିତି ବିଶ୍ୱର ପ୍ରମୁଖ ଆହ୍ୱାନଗୁଡ଼ିକର ମୁକାବିଲା କରିବା ଏବଂ ଶାନ୍ତି, ସୁରକ୍ଷା, ସ୍ଥାୟୀ ବିକାଶ ତଥା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆନ୍ତର୍ଜାତୀୟ ପ୍ରୟାସରେ ଯୋଗଦାନ ଦେବାରେ ଭୂମିକାକୁ ଦର୍ଶାଉଛି। ଭାରତ ପାଇଁ ଏହି ସମ୍ମିଳନୀର ଗୁରୁତ୍ୱ ଅଧିକ ରହିଛି। ପ୍ରଧାନମନ୍ତ୍ରୀ ଏହି ମଞ୍ଚରେ ଗ୍ଲୋବାଲ ସାଉଥ୍ ସ୍ୱର ଏବଂ ସମସ୍ୟାକୁ ଦୃଢ଼ ଭାବରେ ଉପସ୍ଥାପନ କରିବେ।

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିବେ। ଏହା ପରେ ପ୍ରଧାନମନ୍ତ୍ରୀ ମୋଦୀ 'ନୂତନ ସହଭାଗିତା ଗଠନ ଏବଂ ଆନ୍ତର୍ଜାତୀୟ ସଂହତିର ପୁନଃର୍ନିମାଣ' ଶୀର୍ଷକ ଏକ ଉଚ୍ଚସ୍ତରୀୟ କାର୍ଯ୍ୟକାରୀ ଅଧିବେଶନରେ ଭାଗ ନେବେ। ଏହି ଅଧିବେଶନରେ ଜି-୭ ଦେଶର ନେତା, ସହଯୋଗୀ ଦେଶ ଏବଂ ବିଶ୍ୱ ବ୍ୟାଙ୍କ ତଥା ଆଫ୍ରିକୀୟ ବିକାଶ ବ୍ୟାଙ୍କର ବରିଷ୍ଠ ପ୍ରତିନିଧିମାନେ ଅଂଶଗ୍ରହଣ କରିବେ।

ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି, ବ୍ରିଟେନର ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଏବଂ ସଂଯୁକ୍ତ ଆରବ ଏମିରେଟ୍ସ'ର ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହୟାନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି। ଆଜି ରାତିରେ

ଶ୍ରୀ ମୋଦୀ’ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନଙ୍କ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ନୈଶ୍ୟଭୋଜିରେ ଯୋଗଦେବେ।

ଆସନ୍ତାକାଲି ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବୈଠକ ହେବ। ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ଦୁଇ ନେତା ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଏହାସହ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଘଟଣାବଳୀ ଉପରେ ମଧ୍ୟ ସେମାନେ ମତାମତ ବିନିମୟ କରିବାର ସମ୍ଭାବନା ରହିଛି।

# ବିଜେପି-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ଲୋଭାକିଆର ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ ‘ଦ ଅର୍ଡର ଅଫ୍ ଦ ହ୍ୱାଇଟ୍ ଡବଲ୍ କ୍ରସ୍, ଫାଷ୍ଟ କ୍ଲାସ’ ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ଏହା ରାଷ୍ଟ୍ର ପାଇଁ ଗୌରବର ବିଷୟ ବୋଲି ବିଜେପି କହିଛି।  ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ବିଜେପି ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ଏହି ସମ୍ମାନ ପ୍ରଦାନ ସମ୍ପର୍କରେ ମତାମତ ଦେଇ କହିଛନ୍ତି, ଏହା କେବଳ ତାଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ଦେଶବାସୀଙ୍କ ପାଇଁ ସମର୍ପିତ। ଶ୍ରୀ ପାତ୍ର କହିଛନ୍ତି, ଶ୍ରୀ ମୋଦୀଙ୍କୁ ବିଭିନ୍ନ ଦେଶ ପକ୍ଷରୁ ୩୩ଟି ସର୍ବୋଚ୍ଚ ନାଗରିକ ସମ୍ମାନରେ

ସମ୍ମାନିତ କରାଯାଇସାରିଲାଣି। ଯାହାକି ବିଶ୍ୱରେ ଭାରତର ସ୍ଥିତିକୁ ଆହୁରି ଦ୍ୱିଗୁଣିତ କରିଛି।

## ଶିବରାଜ- ଖରିଫ

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀଠାରେ ଏକ ଉଚ୍ଚସ୍ତରୀୟ କୃଷି ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ଖରିଫ ଋତୁ-୨୦୨୬ ପାଇଁ ସମଗ୍ର ଦେଶରେ ହେଉଥିବା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଛି। କୃଷି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ସମ୍ଭାବ୍ୟ ଏଲ୍ ନିନୋ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶ୍ରୀ ଚୌହାନ' କପା ଉତ୍ପାଦନ ବୃଦ୍ଧି, ଡାଲି ଜାତୀୟ ଶସ୍ୟ ଅମଳରେ ଆତ୍ମନିର୍ଭରଶୀଳତା ଏବଂ ସ୍ୱଳ୍ପ ବୃଷ୍ଟିପାତ ଜିଲ୍ଲାଗୁଡ଼ିକରେ ଆଗୁଆ ବ୍ୟବସ୍ଥା ସମ୍ପର୍କରେ ପ୍ରାଧାନ୍ୟ ଦେଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ କୃଷକମାନଙ୍କ ସ୍ୱାର୍ଥସୁରକ୍ଷା ଦେବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି। ଏହି ଋତୁରେ ଶସ୍ୟ ଅମଳ କ୍ଷେତ୍ରରେ ସୃଷ୍ଟି ହେଉଥିବା ପ୍ରତିକୂଳ ପାଣିପାଗ ବ୍ୟବସ୍ଥା ଦୃଷ୍ଟିରୁ ଏବଂ କୃଷି ଓ କୃଷକମାନଙ୍କ କଲ୍ୟାଣ ନିମନ୍ତେ ସମସ୍ତ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣକୁ ସୁନିଶ୍ଚିତ କରିବା ଲାଗି ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ସ୍ୱଳ୍ପ ବୃଷ୍ଟିପାତ ଜିଲ୍ଲାଗୁଡ଼ିକରେ ଆଗୁଆ ପଦକ୍ଷେପ ନେବା ଲାଗି ସମସ୍ତ ପ୍ରସ୍ତୁତି ଗ୍ରହଣ କରାଯିବା ଉଚିତ ବୋଲି ଶ୍ରୀ ଚୌହାନ କହିଛନ୍ତି। ଏହି ଜିଲ୍ଲାଗୁଡ଼ିକୁ ଚିହ୍ନଟ କରିବା ଏବଂ ଶସ୍ୟ ଯୋଜନା ପ୍ରସ୍ତୁତି କରିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ

ସହ ସମନ୍ୱୟ ସ୍ଥାପନ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଚୌହାନ କହିଛନ୍ତି।

## ଏମ୍‌ଏସ୍‌ଜେଇ- ନଶାମୁକ୍ତ ଅଭିଯାନ

କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଆସନ୍ତାକାଲି 'ନିଶା ମୁକ୍ତ ଭାରତ ଅଭିଯାନ' ଅନ୍ତର୍ଗତ 'ନିଶା ମୁକ୍ତ ଭାରତ ସପ୍ତାହ'କୁ ଆଭାସୀ ମାଧ୍ୟମରେ ଉଦଘାଟନ କରିବେ। ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ହେଉଛି ଦେଶବ୍ୟାପୀ ନିଶାଦ୍ରବ୍ୟର ଅପବ୍ୟବହାର ବିରୋଧରେ ସଚେତନତା ବୃଦ୍ଧି କରିବା, ନାଗରିକମାନଙ୍କର ଅଂଶଗ୍ରହଣକୁ ସୁଦୃଢ଼ କରିବା ଏବଂ ସ୍ୱେଚ୍ଛାସେବୀମାନଙ୍କ ଯୋଗଦାନକୁ ଆହୁରି ବ୍ୟାପକ କରିବା। ଏହି କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଡକ୍ଟର କୁମାର 'ନିଶା ମୁକ୍ତି ମିତ୍ର'ଙ୍କ ପାଇଁ ଏକ ବ୍ୟକ୍ତିଗତ ଡ୍ୟାସବୋର୍ଡ ଏବଂ NMBA ଉପରେ ଆଧାରିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଭଳି କେତେକ ପ୍ରମୁଖ ଯୋଜନାର ଶୁଭାରମ୍ଭ କରିବେ।

ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ସପ୍ତାହବ୍ୟାପୀ ଅଭିଯାନ ମଧ୍ୟରେ ସାରା ଦେଶରେ ସଚେତନତା ଏବଂ ଜନସାଧାରଣଙ୍କୁ ଏକତ୍ରିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିମଧ୍ୟରେ ଗଣ-ଶପଥ ଗ୍ରହଣ ଉତ୍ସବ, ସଚେତନତା ଯାତ୍ରା, ସାଇକେଲ୍ ଶୋଭାଯାତ୍ରା, ଯୁବପିଢ଼ିଙ୍କ ନେତୃତ୍ୱରେ ବିଭିନ୍ନ ଅଭିଯାନ,

ପୋଷ୍ଟର ତିଆରି, ସ୍ଲୋଗାନ ଲିଖନ ଓ ପ୍ରବନ୍ଧ ପ୍ରତିଯୋଗିତା, ୱେବିନାର, ବିଶେଷଜ୍ଞମାନଙ୍କ ସହ ଆଲୋଚନା ଏବଂ ପଥପ୍ରାନ୍ତ ନାଟକ ଆଦି ସାମିଲ ରହିଛି ।

## ଇଡି- ମୁମ୍ବାଇ ସର୍ଚ୍ଚେସ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ– ଇଡି' ପକ୍ଷରୁ ୨୦୧୬-୧୭ ଏବଂ ୨୦୧୭-୧୮ ଆର୍ଥିକ ବର୍ଷରେ ୟେସ୍ ବ୍ୟାଙ୍କ ଋଣ ଦୁର୍ନୀତି ଅଭିଯୋଗରେ ମୁମ୍ବାଇ, ଖାଣ୍ଡଲା ଏବଂ ନୂଆଦିଲ୍ଲୀର ୧୭ଟି ସ୍ଥାନରେ ଚଢ଼ଉ କରାଯାଇଛି । ସୁରକ୍ଷା, ସମ୍ପତ୍ତି, ପୁନଃନିର୍ମାଣ ନିଗମ, ସୁରକ୍ଷା ରିଏଲିଟି ଲିମିଟେଡ୍, ଖ୍ୟାତି ରିଏଲଟର୍ସ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ କର୍ମଚାରୀ ଏବଂ ୟେସ୍ ବ୍ୟାଙ୍କର ପୂର୍ବତନ କର୍ମଚାରୀଙ୍କ ଘରେ ମଧ୍ୟ ଖାନତଲାସୀ କରାଯାଇଥିଲା ।

## ଗୋଏଲ– ଫ୍ରାନ୍ସ ୟୁପିଆଇ

କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ଫ୍ରାନ୍ସର 'ନାଇସ୍ ମାସେନା' ଠାରେ ୟୁନିଫାଇଡ୍ ପେମେଣ୍ଟସ୍ ଇଣ୍ଟରଫେସ୍– ୟୁପିଆଇ'ର ଶୁଭାରମ୍ଭ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଗୋୟଲ କହିଛନ୍ତି, ଫ୍ରାନ୍ସର ଅନ୍ୟତମ ପ୍ରମୁଖ ଖୁଚୁରା ବ୍ୟବସାୟିକ କେନ୍ଦ୍ରକୁ ଭାରତର ବିଶ୍ୱସ୍ତରୀୟ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ଆଣିବା, UPIର ବୈଶ୍ୱିକ ସମ୍ପ୍ରସାରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ସେ କହିଛନ୍ତି, ଏହି ପ୍ରୟାସ ବ୍ୟାପକ ସ୍ତରରେ ବିଶ୍ୱସନୀୟ, ସହଜ ଏବଂ ପରସ୍ପର ସହ ସଂଯୋଗୀକରଣ  ଡିଜିଟାଲ୍ ସମାଧାନ କରିବା କ୍ଷେତ୍ରରେ ଭାରତର ଦକ୍ଷତାକୁ ପ୍ରଦର୍ଶନ କରୁଛି। ମନ୍ତ୍ରୀ କହିଛନ୍ତି, ଏହି ଶୁଭାରମ୍ଭ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଅର୍ଥନୈତିକ ଓ ବୈଷୟିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ। ଏହା ଦୁଇ ଦେଶ ମଧ୍ୟରେ ରହିଥିବା ରଣନୀତିକ ସହଭାଗିତାର ବଢୁଥିବା ସମ୍ପର୍କ ଓ ବିଶ୍ୱସନୀୟକୁ ପ୍ରତିଫଳିତ କରୁଛି।

# ଜିମ୍ବାୱେ ଆକ୍ସିଡେଣ୍ଟ

ଦକ୍ଷିଣ ଜିମ୍ବାୱେରେ ଏକ ମାଲବାହୀ ଟ୍ରେନ୍ ସହ ଗୋଟିଏ ବସ୍ ଦୁର୍ଘଟଣା ହେବା ଫଳରେ ୯ ଜଣଙ୍କର ମୃତ୍ୟୁ ହେବା ସହ ୨୫ ଜଣ ଆହତ ହୋଇଛନ୍ତି। ଜିମ୍ବାୱେ ଜାତୀୟ ରେଳପଥ ମୁଖପାତ୍ର ଆଣ୍ଡ୍ରିୟୁ କାନାମ୍ବୁରା କହିଛନ୍ତି, ବସ୍‌ଟି ଲେବୁଲ କ୍ରସିଂ ଅତିକ୍ରମ କରୁଥିବା ବେଳେ ଟ୍ରେନ୍ ସହ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରେଳ ସୁରକ୍ଷା ନିୟମାବଳୀ ଉଲ୍ଲଙ୍ଘନ କରି ବସ୍‌ଟି ଲେବୁଲ କ୍ରସିଂ ଅତିକ୍ରମ କରୁଥିବା ଜଣାପଡ଼ିଛି।

# ଇରାନ୍ ୟୁଏସ୍ ଡିଲ୍- ଲେବାନନ୍

ଆମେରିକା ସହିତ ଯୁଦ୍ଧ ସମାପ୍ତ କରିବା ପାଇଁ ହୋଇଥିବା ଚୁକ୍ତିନାମା ଅନୁଯାୟୀ ଇସ୍ରାଏଲ୍‌କୁ ମଧ୍ୟ ଲେବାନନ୍‌ରୁ ହଟିବାକୁ ପଡ଼ିବ ବୋଲି ଆଜି ଇରାନ କହିଛି। ଇରାନର ବୈଦେଶିକ ମନ୍ତ୍ରୀ ଆବାସ

ଆରାଗଚି କହିଛନ୍ତି, ଦକ୍ଷିଣ ଲେବାନନ୍‌ରେ ଇସ୍ରାଏଲ୍‌ର କ୍ରମାଗତ ଆକ୍ରମଣ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ବୁଝାମଣାପତ୍ରର ଉଲ୍ଲଂଘନ ହେବ। ଚୂଡ଼ାନ୍ତ ଚୁକ୍ତିରେ ଲେବାନନ୍ ସାମିଲ ଅଛି କି ନାହିଁ, ସେ ନେଇ ଆମେରିକା କୌଣସି ସ୍ପଷ୍ଟୀକରଣ ଦେଇନାହିଁ।

ଅନ୍ୟପକ୍ଷରେ ଗତକାଲି ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଏହି ଚୁକ୍ତିକୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ନିଷ୍ପତ୍ତି ବୋଲି ବର୍ଣ୍ଣନା କରିଛନ୍ତି। ଏହାସହ ସେ କହିଛନ୍ତି, ଇସ୍ରାଏଲର ନିଜସ୍ୱ ପ୍ରାଥମିକତା ରହିଛି।

## ଏନ୍‌ଟିଏ-ଟେଲିଗ୍ରାମ ବ୍ୟାନ୍

ରାଷ୍ଟ୍ରୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା ନିଟ୍-ୟୁଜି ୨୦୨୬ ପୁନଃ ପରୀକ୍ଷା ପୂର୍ବରୁ କେନ୍ଦ୍ର ସରକାର ସାମାଜିକ ଗଣମାଧ୍ୟମ ଆପ୍ ଟେଲିଗ୍ରାମ ଉପରେ ଚଳିତମାସ ୨୨ ତାରିଖ ପର୍ଯ୍ୟନ୍ତ କଟକଣା ଜାରି କରିଛନ୍ତି । ସୂଚନାଯୋଗ୍ୟ ଚଳିତମାସ ୨୧ ତାରିଖରେ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ପୁନର୍ବାର ଅନୁଷ୍ଠିତ ହେବ । ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି ।

## ଫିଫା ୱାର୍ଲଡ କପ୍

ଫିଫା ବିଶ୍ୱକପ୍-୨୦୨୬ର ଗ୍ରୁପ୍-ଆଇ ମ୍ୟାଚ୍‌ରେ ଆଜି  ଫ୍ରାନ୍ସ ଏବଂ ସେନେଗଲର ଖେଳ ହେବ। ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁଜର୍ସିଠାରେ ଭାରତୀୟ ସମୟ ରାତି ସାଢ଼େ ୧୨ଟା ସମୟରେ ମ୍ୟାଚ୍ ଆରମ୍ଭ ହେବ। ଅନ୍ୟ ଏକ ଗ୍ରୁପ୍-ଆଇ ମ୍ୟାଚ୍‌ରେ ବୋଷ୍ଟନ ଷ୍ଟାଡିୟମ୍‌ଠାରେ ନରୱେ ଏବଂ ଇରାକ୍ ମଧ୍ୟରେ ଖେଳ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ଭାରତୀୟ ସମୟ ଭୋର ୩ଟା ୩୦ ମିନିଟ୍‌ରେ  ହେବ। ଏହା ପୂର୍ବରୁ ଲସ ଏଞ୍ଜେଲସ୍‌ର ସୋଫି ଷ୍ଟାଡିୟମ୍‌ଠାରେ ଇରାନ୍ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଥିବା ମ୍ୟାଚ୍ ୨-୨ରେ ଅମୀମାଂସିତ ରହିଛି। ସେହିପରି ଉରୁଗୁଏ ଓ ସାଉଦିଆରବ୍ ମଧ୍ୟରେ ୧-୧ରେ ଖେଳ ଶେଷ ହୋଇଛି।